

# ଭୁବନେଶ୍ୱର ସିଟି

## ବଙ୍ଗୀୟ ଯୁବକଙ୍କୁ ମାରି ଫିଙ୍ଗିଦେଲେ!

ଭୁବନେଶ୍ୱର, ୨।୬ (ସମିସ): ନାକାଗେଟ ଚାଳ ସାହି ଅଞ୍ଚଳରେ ଥିବା ନବନିର୍ମିତ ଡ୍ରେନ୍ ଭିତରୁ ଜଣେ ବଙ୍ଗୀୟ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି ଭରତପୁର ଥାନା ପୁଲିସ। ମୃତକ ଜଣକ ହେଉଛନ୍ତି ପଶ୍ଚିମବଙ୍ଗ ମୁର୍ଶିଦାବାଦର ଟୁଟୁଲ ସିଂହ (୩୮)। ସେ ୫ ବର୍ଷ ହେବ ପରିବାର ସହିତ ଘାଟିକିଆ ଅଞ୍ଚଳରେ ରହୁଥିଲେ। ମିଳିଥିବା ସୂଚନା ଅନୁସାରେ, ଟୁଟୁଲ ବିବାହିତ ହୋଇଥିବା ବେଳେ ତାଙ୍କର ଗୋଟିଏ ପୁଅ ଓ ଝିଅ ଅଛନ୍ତି। ସେ ସ୍ଥାନୀୟ ଅଞ୍ଚଳରେ ରାଜମିସ୍ତ୍ରି ଭାବେ କାମ କରୁଥିଲେ। ଗତ ଶୁକ୍ରବାର ମଧ୍ୟାହ୍ନରେ କାମକୁ ଯାଉଛନ୍ତି କହି ଟୁଟୁଲ ଘରୁ ବାହାରିଥିଲେ। ପରବର୍ତ୍ତୀ ସମୟରେ ତାଙ୍କର ଫୋନ୍ ସୁଇଚଡ୍ ଅଫ୍ ହୋଇଯାଇଥିଲା। ରବିବାର ସକାଳୁ ବିଏମ୍‌ସି ସଫେଇ କର୍ମଚାରୀ ନାକାଗେଟ ଚାଳ ସାହି ଅଞ୍ଚଳକୁ ଯାଇଥିବାବେଳେ ଡ୍ରେନ୍ ନିକଟରୁ ଦୁର୍ଗନ୍ଧ ବାହାରୁଥିବା ଜାଣିବାକୁ ପାଇଥିଲେ। ସମ୍ପୃକ୍ତ କର୍ମଚାରୀ ଓ କିଛି ସ୍ଥାନୀୟ ଲୋକେ ଯାଞ୍ଚ କରିବାରୁ ଡ୍ରେନ୍ ଭିତର ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ। ଖବରପାଇ ଭରତପୁର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି କ୍ୟାପିଟାଲ ଡାକ୍ତରଖାନାକୁ ପଠାଇଥିଲା। ମୃତଦେହ ନିକଟରୁ ମୋବାଇଲ ଫୋନ୍, ଗାମୁଛା ଓ ଦୁଇଟି ଅଲଗା ଅଲଗା ଚପଲ ଜବତ କରିଥିଲା। ମୋବାଇଲ ଫୋନ୍‌ରୁ ତାଙ୍କ ପରିଚୟ ପାଇଥିଲା ପୁଲିସ। ମୃତଦେହର ଡାହାଣ ପଟ ଆଖି ସମେତ ମୁହଁର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ରହିଥିବାରୁ ମୃତ୍ୟୁକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏଥିସହିତ କହୁଣୀରେ ମଧ୍ୟ କ୍ଷତ ଚିହ୍ନ ରହିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ମୃତଦେହଟି ଡ୍ରେନ୍ ଛାତ ତଳୁ ମିଳିଥିବାରୁ ଟୁଟୁଲଙ୍କ ମୃତ୍ୟୁ ନେଇ ସନ୍ଦେହ ବଢ଼ିଯାଇଛି। ଏମିତିକି ତାଙ୍କୁ ହତ୍ୟା କରାଯାଇ ଫୋପାଡ଼ି ଦିଆଯାଇଥିବା କଥାକୁ ମଧ୍ୟ ଏଡ଼ାଇ ଦିଆଯାଇନପାରେ। ତେବେ ପୁଲିସ ଏମ୍‌ଏଲ୍‌ସି ଆଧାରରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମୃତ୍ୟୁର କାରଣ ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନଥିଲେ ମଧ୍ୟ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୁଲିସ କହିଛି।

**ଡ୍ରେନ୍ ଭିତରୁ ମିଳିଲା ମୃତଦେହ**

**ମୋବାଇଲରୁ ପରିଚୟ ମିଳିଲା**

**ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା**



## ସେୟାର ମାର୍କେଟିଂ ଆଳ: ୧୨କୋଟି ଠକେଇ

ଭୁବନେଶ୍ୱର, ୨।୬(ସମିସ): ସେୟାର ମାର୍କେଟିଂ ଆଳରେ ୧୨କୋଟିରୁ ଊର୍ଦ୍ଧ୍ୱ ଠକେଇ ହୋଇଛି। ଏହି ଠକେଇର ଶିକାର ହୋଇଛନ୍ତି ୫ହଜାରରୁ ଊର୍ଦ୍ଧ୍ୱ ଲୋକ। ଏଭଳି ଠକେଇ କରିଛି ପୁଣେରୁ ପଞ୍ଜିକୃତ ହୋଇଥିବା ଏଲ୍‌ଏଫ୍‌ଏସ୍ ବ୍ରୋକିଂ ସଂସ୍ଥା। ଏହି ସଂସ୍ଥାର ପାର୍ଟନର ରହିଛି ପିଏମ୍‌ଏସ୍ ସର୍ଭିସ ନାମକ ଆଉ ଏକ ସଂସ୍ଥା। ଏନେଇ ଇଓଡବ୍ଲ୍ୟୁ ନିକଟରେ ଢେଙ୍କାନାଳର ଅରୁଣ କୁମାର ପଟ୍ଟନାୟକ ଅଭିଯୋଗ କରିବା ପରେ ଇଓଡବ୍ଲ୍ୟୁ ଏହି ଦୁଇଟି ସଂସ୍ଥା ନାମରେ କେସ୍ ନଂ-୭/୨୪ରେ ମାମଲା ରୁଜୁ କରି ତଦନ୍ତ କରୁଛି। ଏହି ସଂସ୍ଥାର ସିଇଓ ଥିବା ଜିଆଜୁର ରହମାନ ବିରୋଧରେ ମଧ୍ୟ ଇଓଡବ୍ଲ୍ୟୁ ମାମଲା ରୁଜୁ କରିଛି। ତାଙ୍କୁ ଗିରଫ କରିବା ପାଇଁ ଇଓଡବ୍ଲ୍ୟୁ ପଶ୍ଚିମବଙ୍ଗ, ପୁଣେ ଆଦି ରାଜ୍ୟକୁ ଯାଇଛି। ହେଲେ ସେଠାରେ ମଧ୍ୟ ଜିଆଜୁରର ପତ୍ତା ମିଳିନି। ଏହି ସଂସ୍ଥା ଲୋକଙ୍କୁ କହୁଥିଲା ଯେ, ସେ ସେୟାର ମାର୍କେଟିଂ ଟ୍ରେଡିଂ ଏବଂ ସୁନା ବ୍ୟବସାୟ କରନ୍ତି। ବିଭିନ୍ନ କମ୍ପାନୀ ଏବଂ ଫାର୍ମର ଟଙ୍କା ତାଙ୍କ ସଂସ୍ଥାରେ ଲାଗେ। ଏପରିକି ଏଲ୍‌ଏଫଏସ୍ ବ୍ରୋକିଂ ସଂସ୍ଥା ଲୋକଙ୍କୁ ପ୍ରତିମାସରେ ୨ ପ୍ରତିଶତ ସୁଧ ଦେବାକୁ ପ୍ରଲୋଭନ ଦେଉଥିଲା। ଅଭିଯୁକ୍ତ ଥିବା ଜିଆଜୁର ଏହି ଦୁଇଟି ସଂସ୍ଥାକୁ ନିଜ ଭଉଣୀର ବୋଲି କହୁଥିଲେ। ଏଲ୍‌ଏଫ୍‌ଏସ୍ ବ୍ରୋକିଂ ସଂସ୍ଥା ପୁଣେରେ ପଞ୍ଜିକୃତ ହୋଇଥିବା ବେଳେ ପଶ୍ଚିମବଙ୍ଗ ଏବଂ ଓଡ଼ିଶାରେ ଏହାର ବ୍ରାଞ୍ଚ ଅଫିସ୍ ଖୋଲିଥିଲା। ଲୋକଙ୍କୁ ଅତିକମ୍‌ରେ ୨୫ ହଜାର ଟଙ୍କା ଲଗାଇଲେ ପ୍ରତି ମାସରେ ଏହି ୨ ପ୍ରତିଶତ ସୁଧ ମିଳିବ ବୋଲି ସଂସ୍ଥା କହୁଥିଲା। ଏହି ସଂସ୍ଥାରେ ଯୋଡ଼ିହୋଇଥିବା ସଦସ୍ୟ ଭୁବନେଶ୍ୱର, ଢେଙ୍କାନାଳ, ଭଦ୍ରକ, ଅନୁଗୁଳ ଏବଂ ବାଲେଶ୍ୱରରେ ବୈଠକ କରି ଏଲ୍‌ଏଫ୍‌ଏସ୍ ଏବଂ ପିଏମ୍‌ଏସ୍‌ରେ ଟଙ୍କା ଲଗାଇବା ପାଇଁ କହୁଥିଲେ। ଲୋଭରେ ପଡ଼ି ଲୋକେ ଏହି ସଂସ୍ଥାରେ ଟଙ୍କା ଲଗାଉଥିଲେ। ଏହିଭଳି ଅରୁଣ କୁମାର ପଟ୍ଟନାୟକ ସଂସ୍ଥାରେ ଟଙ୍କା ଲଗାଇ ଠକାମିର ଶିକାର ହୋଇଛନ୍ତି। ସେ ପ୍ରଥମେ ୨୫ ହଜାର ଟଙ୍କା ଲଗାଇଥିଲେ। ପୁଣି ୨୦୨୩ ମେ ୧ତାରିଖରେ ୬ଲକ୍ଷ ୭୫ହଜାର ଟଙ୍କା ସଂସ୍ଥାର ବ୍ୟାଙ୍କ ଆକାଉଣ୍ଟରେ ଜମା କରିଥିଲେ।

ବିଶ୍ୱାସ ଜମାଇବା ପାଇଁ ସଂସ୍ଥା ଗୋଟିଏ ମାସରେ ୧୪ହଜାର ଟଙ୍କା ଦେଇଥିଲେ। କିନ୍ତୁ ଏହା ପରେ ଆଉ ସଂସ୍ଥା ମାସକୁ ମାସ ସୁଧ ଟଙ୍କା ଦେବାକୁ ବନ୍ଦ କରି ଦେଇଥିଲା। ଏହିଭଳି ତାଙ୍କର ସମ୍ପର୍କୀୟ ସସ୍ମିତା ଖୁଣ୍ଟିଆ ଏହି ସଂସ୍ଥାରେ ୮ଲକ୍ଷ ଲଗାଇଥିବା ବେଳେ ପ୍ରକାଶ କୁମାର ୫ଲକ୍ଷ, ପ୍ରଦୀପ କୁମାର ଚାନ୍ଦ, ଡମ୍ବରୁଧର ପଣ୍ଡା, ମନୋଜ ପ୍ରଧାନ, ସତ୍ୟ ମିଶ୍ର, ପୁଷ୍ପାଞ୍ଜଳି ବେହେରା, ଅଞ୍ଜନ କୁମାର ସାହୁ, ଶତ୍ରୁଘନ ମଲିକ ଏବଂ ଅନ୍ୟମାନେ ୨୦୨୧ରୁ ୨୦୨୨ ମଧ୍ୟରେ ଲକ୍ଷାଧିକ ଟଙ୍କା ଲଗାଇଥିଲେ।

ସେମାନେ ମଧ୍ୟ ଏହି କମ୍ପାନୀର ଜାଲରେ ପଡ଼ି ଠକାମିର ଶିକାର ହୋଇଛନ୍ତି। କମ୍ପାନୀର ସିଇଓ ଜିଆଜର ରହମାନ ଓଡ଼ିଶାରୁ କୋଟି କୋଟି ଟଙ୍କା ସଂଗ୍ରହ କରି ଅଫିସ୍ ବନ୍ଦ କରି ଚମ୍ପଟ ମାରିଥିଲେ। ଲୋକଙ୍କୁ ସୁଧ ଟଙ୍କା ନମିଳିବା ପରେ ସେମାନେ ଅଫିସ୍‌କୁ ଗଲା ପରେ ତାଲା ପଡ଼ିଥିବା ଦେଖି ଠକାମିର ଶିକାର ହୋଇଥିବା ଜାଣିଥିଲେ। ଶେଷରେ ଏ ନେଇ ସେମାନେ ଇଓଡବ୍ଲ୍ୟୁରେ ଅଭିଯୋଗ କରିବା ପରେ ଏବେ ମାମଲା ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଛି।

**୫ହଜାର ଲୋକଙ୍କୁ ଠକିଛି ବ୍ରୋକିଂ ସଂସ୍ଥା ଏଲ୍‌ଏଫ୍‌ଏସ୍**

**ଓଡ଼ିଶାରୁ ପୁଣେ ଓ ପଶ୍ଚିମବଙ୍ଗକୁ ଲମ୍ବିଛି ଚେର**

**ପ୍ରତି ମାସରେ ୨ ପ୍ରତିଶତ ସୁଧ ଦେବାକୁ ପ୍ରତିଶ୍ରୁତି**

**ଜିଆଜୁର ରହମାନ ନାମରେ ଇଓଡବ୍ଲ୍ୟୁରେ ମାମଲା**



## ରାସ୍ତା ମଝିରେ ସିରିଜ ଦୁର୍ଘଟଣା

ଭୁବନେଶ୍ୱର, ୨।୬(ସମିସ): ସହିଦନଗର ଥାନା ସତସଙ୍ଗବିହାର ନିକଟରେ ସିରିଜ ଦୁର୍ଘଟଣା ଘଟିଛି। ଫଳରେ ୩ଟି କାର୍ ଭାଙ୍ଗି ଚୁରମାର ହୋଇଯାଇଛି। ପ୍ରଥମେ ଦୁର୍ଘଟଣାଗ୍ରସ୍ତ ହୋଇଥିବା କାର୍‌ର ଚାଳକ ଗୁରୁତର ହୋଇଛନ୍ତି। ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ସତସଙ୍ଗବିହାର ନିକଟ ରାସ୍ତାରେ ଜଣେ ବୋଲେରୋ ଚାଳକ ଓ ଜଣେ ବାଇକ୍ ଚାଳକ କଥାବାର୍ତ୍ତା ହେଉଥିଲେ। ଯାହା ଫଳରେ ଦ୍ରୁତ ଗତିରେ ଆସୁଥିବା ଏକ ବସ୍ ହଠାତ୍ ବ୍ରେକ ମାରିବାରୁ ସେହି ଦିଗରେ ଆସୁଥିବା ଏକ କାର ସହ ଧକ୍କା ହୋଇଥିଲା ଏବଂ ଉକ୍ତ କାର ଅନ୍ୟ କାର ଗୁଡ଼ିକ ସହ ଧକ୍କା ହୋଇଥିଲା। ଦୁର୍ଘଟଣା ଯୋଗୁଁ ରସୁଲଗଡ଼ଠାରୁ ପଲାଶୁଣି ଯାଏଁ ଟ୍ରାଫିକ୍ ଜାମ୍ ହୋଇଥିଲା।

## ନନ୍ଦନକାନନରେ ଦୁଇ ଜନ୍ତୁ ମୃତ

ନନ୍ଦନକାନନ, ୨।୬(ସମିସ): ନନ୍ଦନକାନନରେ ରବିବାର ଦୁଇଟି ଜନ୍ତୁଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଗୋଟିଏ ଷ୍ଟମ୍ପଟେଲ ମାଙ୍କଡ଼ ଏବଂ ଅନ୍ୟଟି ବଜ୍ରକାପ୍ତା ବୋଲି ଜଣାପଡ଼ିଛି। ଷ୍ଟମ୍ପଟେଲ ମାଙ୍କଡ଼ଟି ହଠାତ୍ ଅସୁସ୍ଥ ହୋଇପଡ଼ିଥିଲା। ତାର ଚିକିତ୍ସା ଚାଲିଥିବା ବେଳେ ମୃତ୍ୟୁ ହୋଇଯାଇଥିଲା। ମୃତ ବଜ୍ରକାପ୍ତାଟି ଗତ ୨୫ତାରିଖରେ ପାରଳାଖେମୁଣ୍ଡିରୁ ଅସୁସ୍ଥ ଅବସ୍ଥାରେ ଉଦ୍ଧାର ହୋଇ ନନ୍ଦନକାନନ ଅଣାଯାଇଥିଲା।

## କାର ଦୁର୍ଘଟଣାରେ ପରିବା ବେପାରୀ ମୃତ

ଭୁବନେଶ୍ୱର, ୨।୬(ସମିସ): କାର ଧକ୍କାରେ ଜଣେ ପରିବା ବେପାରୀଙ୍କ ମୃତ୍ୟୁ ଘଟିଛି। ଏଭଳି ଘଟଣା ବଡ଼ଗଡ଼ ଥାନା ବାଙ୍କୁଆଳ ବ୍ରିଜ୍ ନିକଟରେ ଘଟିଛି। ଖବର ପାଇ ପୁଲିସ ପହଞ୍ଚି ସେଠାରେ ମୃତଦେହ ଜବତ କରି କ୍ୟାପିଟାଲ ହସ୍ପିଟାଲକୁ ପଠାଇ ଦେଇଛି। ମୃତ ବ୍ୟକ୍ତିଙ୍କ ପରିଚୟ ମିଳିନଥିବା ବେଳେ ସେ ପରିବା ବ୍ୟବସାୟ କରୁଥିବା ପୁଲିସ ଜାଣିବାକୁ ପାଇଛି। ରବିବାର ସନ୍ଧ୍ୟାରେ ପରିବାର ବେପାରୀ ଜଣଙ୍କ ସାଇମନ୍ଦିର ଅଭିମୁଖେ ଯାଉଥିବା ବେଳେ ପଛରୁ ଆସୁଥିବା ଏକ କାର୍ ତାଙ୍କୁ ପଛରୁ ଧକ୍କା ଦେଇଥିଲା। ଫଳରେ ପରିବାର ବ୍ୟବସାୟୀଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା।

## 'ମୋ ବସ୍' କଣ୍ଡକ୍ଟରଙ୍କୁ ଆକ୍ରମଣ

ଭୁବନେଶ୍ୱର, ୨।୬(ସମିସ): 'ମୋ ବସ୍'ର କଣ୍ଡକ୍ଟରଙ୍କୁ ଆକ୍ରମଣ କରାଯାଇଥିବା ନେଇ ଅଭିଯୋଗ ହୋଇଛି। ଜଣେ ଯାତ୍ରୀ ୧୬ନମ୍ବର 'ମୋ ବସ୍' କଣ୍ଡକ୍ଟରଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହେବା ପରେ ଏହାର ପ୍ରତିବାଦରେ ମାଷ୍ଟର କ୍ୟାଣ୍ଟିନରେ ଆନ୍ଦୋଳନ କରିଛନ୍ତି ସମସ୍ତ ବସ ଡ୍ରାଇଭର ଓ କଣ୍ଡକ୍ଟର। ଯେ ପର୍ଯ୍ୟନ୍ତ ଡ୍ରାଇଭର ଓ କଣ୍ଡକ୍ଟରଙ୍କୁ ସୁରକ୍ଷା ନମିଳିଛି, ସେ ପର୍ଯ୍ୟନ୍ତ ବସ୍ ନଚଳାଇବାକୁ ସେମାନେ ଦାବି କରିଥିଲେ। ଖବର ପାଇ କ୍ୟାପିଟାଲ ଥାନା ପୁଲିସ ପହଞ୍ଚି ଡ୍ରାଇଭରଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଏ ନେଇ କ୍ୟାପିଟାଲ ଥାନାରେ ବସ୍ କଣ୍ଡକ୍ଟର ଦେବାଶିଷ ନନ୍ଦଙ୍କ ଅଭିଯୋଗ ଆଧାରରେ ଗୋଟିଏ ମାମଲା ହୋଇଥିବା ବେଳେ ଆକ୍ରମଣ କରିଥିବା ବ୍ୟକ୍ତିଙ୍କ ପତ୍ନୀ ସୁନିତା ଦାସଙ୍କ ଅଭିଯୋଗ ଆଧାରରେ ଆଉ ଏକ ମାମଲା ରୁଜୁ କରାଯାଇଛି।

**ଉଭୟ ପକ୍ଷରୁ ଅଭିଯୋଗ ପରେ ୨ ମାମଲା**

ସୁନିତା ଏବଂ ତାଙ୍କ ସ୍ୱାମୀ ୧୬ ନମ୍ବର ବସ୍‌ରେ ଯାତ୍ରା କରୁଥିଲେ। ହେଲେ ସୁନିତାଙ୍କ ଗୋଟିଏ ସ୍ଥାନରେ ଓହ୍ଲାଇ ଦିଆଯିବା ସହ ସ୍ୱାମୀଙ୍କୁ ଅନ୍ୟ ଏକ ଷ୍ଟପେଜ୍‌ରେ ଓହ୍ଲାଇ ଦିଆଯାଇଥିଲା। ବସଟି ମାଷ୍ଟରକାଣ୍ଟିନ୍ ଷ୍ଟାଣ୍ଡରେ ପହଞ୍ଚିବା ପରେ ସୁନିତାଙ୍କ ସ୍ୱାମୀ କଣ୍ଡକ୍ଟର ଦେବାଶିଷ ଏବଂ ଡ୍ରାଇଭରଙ୍କୁ ପିଟିଥିଲେ। ସୁନିତା କିନ୍ତୁ ତାଙ୍କ ଅଭିଯୋଗରେ ଭିନ୍ନ କଥା ଲେଖିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ, କଣ୍ଡକ୍ଟରଙ୍କୁ ପ୍ରଥମେ ଏଭଳି କ'ଣ ପାଇଁ କଲ ବୋଲି ପଚାରିଥିଲେ। କିନ୍ତୁ କଣ୍ଡକ୍ଟର ଓଲଟି ଝଗଡ଼ା କରିବା ସହ ତାଙ୍କୁ ଦୁର୍ବ୍ୟବହାର କରିବା ସହ ତାଙ୍କ ସ୍ୱାମୀଙ୍କୁ ମାଡ଼ ମାରିଥିଲେ। ତେଣୁ ଏ ନେଇ ଦୁଇ ପକ୍ଷରୁ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଛି।

# ରଙ୍ଗରୁଟ୍‌ରେ ଗାଡ଼ି ଚାଳନା ମନା; ଟାୟାରରେ ଫୁଟିବ କଣ୍ଟା

**ଯାଞ୍ଚରୁ ଖସି ୟୁଟର୍ଣ୍ଣ ମାରି ଯାଉଥିବା ୧୦ ଗାଡି ଲିକ୍ ● ରାତିରେ ନାକା ପଏଣ୍ଟରେ ଲାଗୁଛି ସ୍ପାଇକ୍ ବ୍ୟାରିଅର**



ଭୁବନେଶ୍ୱର, ୨।୬(ସମିସ): ରଙ୍ଗ୍‌ରୁଟ୍(ବିପରୀତ ଦିଗ)ରେ ଗାଡ଼ି ଚଳାଇବା ସଂଖ୍ୟା ଦିନକୁ ଦିନ ବୃଦ୍ଧି ହେଉଛି। ଦୁର୍ଘଟଣା ବଢ଼ିବାରୁ ଅକାଳରେ ଧନଜୀବନ ଚାଲିଯାଉଛି। ସହରରେ ଘଟୁଥିବା ଦୁର୍ଘଟଣାର ୪୦ ପ୍ରତିଶତ ବିପରୀତ ଦିଗରେ ଗାଡି ଚାଳନାରୁ ଘଟୁଛି। ରାତିରେ ନାକାରେ କରାଯାଉଥିବ ଯାଞ୍ଚରୁ ଖସିବା କିମ୍ବା ଅଧିକ ବୁଲାଣି ପଡୁଥିବାରୁ ଗାଡ଼ି ଚାଳକ ରଙ୍ଗ୍‌ରୁଟ୍‌ରେ ପଶିଯାଉଛନ୍ତି। ରଙ୍ଗ୍‌ରୁଟ୍ ଚାଳକଙ୍କୁ ଜଗିବା ପାଇଁ ନାକେଦମ୍ ହେଲେଣି ପୁଲିସ କର୍ମଚାରୀ। ରଙ୍ଗ୍‌ରୁଟ୍‌ରେ ଗାଡ଼ି ଚାଳନାରୁ ଅଧିକ ମାତ୍ରରେ ଜୀବନ ଚାଲିଯାଇଛି, ତଥାପି ଅମାନିଆଙ୍କ ଚେତୁ ପଶୁନି। ସହରରେ ରାତିରେ ବିଭିନ୍ନ ସ୍ଥାନରେ କଡାକଡି ଭାବେ ଯାଞ୍ଚ କରାଯାଉଛି। ନାକାବନ୍ଦୀ କରାଯାଉଥିବା ସ୍ଥାନରେ ପୁଲିସକୁ ଦେଖି ମଦ୍ୟପ ଚାଳକ ଦ୍ରୁତଗତିରେ ୟୁଟର୍ଣ୍ଣ ମାରି ପଳାଉଛନ୍ତି। ଏହାଦ୍ୱାରା ଜଗୁଥିବା ପୁଲିସ ଓ ଅନ୍ୟ ଚାଳକଙ୍କ ଲାଗି ବିପଦ ଦେଖାଯାଉଛି। କେଉଁଠି ପୁଲିସକୁ ପିଟିଲେଣି ତ ଆଉ କେଉଁଠି ଅଲଗା ଗାଡିକୁ ପିଟି ଛୁ ମାରିଲେଣି। ବିପରୀତ ଦିଗରେ ଚାଳନା ଯୋଗୁଁ ଦୁର୍ଘଟଣା ଘଟୁଛି। ଏହାକୁ ଆହୁରି କଡ଼ାକଡ଼ି କରିବା ଲାଗି ନୂଆ ପଦପେକ୍ଷ ନେଇଛି କମିସନରେଟ ପୁଲିସ। ବିପରୀତ ଦିଗରେ ଗାଡି ଚଳାଉଥିଲେ ଗାଡିର ଟାୟାର କଣ୍ଟା ଫୁଟିବ। ପୁଣି ଏହି ବ୍ୟବସ୍ଥା ଲାଗୁ ହେବା ପରେ ବିପରୀତ ଦିଗରେ ଗାଡି ଚାଳନା କମିବ ବୋଲି ଆଶା କରାଯାଉଛି।

ସହରରେ ୫୦ଟି ସ୍ଥାନରେ ରଙ୍ଗ୍ ଡ୍ରାଇଭ୍ ପଏଣ୍ଟ୍ ଚିହ୍ନଟ କରାଯାଇଛି। ଏହି ସମସ୍ତ ସ୍ଥାନରେ ବିପରୀତ ଦିଗରେ ଗାଡି ଚଳାଉଥିବା ଚାଳକ ପୁଲିସର ଚେକିଂ ଦେଖି କିଛି ଚାଳକ ୟୁଟର୍ଣ୍ଣ ନେଉଥିଲେ ବି ସେମାନଙ୍କ ଗାଡିରେ କଣ୍ଟା ଫୁଟିଯାଉଛି। ଦୁଇଦିନରେ ସହରର ବିଭିନ୍ନ ସ୍ଥାନରେ ହାତ ତିଆରି ସ୍ପାଇକ୍ ବ୍ୟାରିଅର ବ୍ୟବସ୍ଥା କାର୍ଯ୍ୟକ୍ଷମ ହୋଇଛି। ଏଥିରେ ୧୫ରୁ ଅଧିକ ଗାଡିରେ କଣ୍ଟା ଫୁଟିଯିବାରୁ ଲିକ୍ ହୋଇଯାଇଛି। ସେଭଳି ଗଲା ୪ଦିନରେ ବିପରୀତ ଦିଗରେ ଗାଡି ଚଳାଇ ୨୨୫ରୁ ଅଧିକ ଅମାନିଆ ଚାଳକ ଧରାପଡ଼ିଛନ୍ତି। ଉକ୍ତ ଗାଡିଗୁଡିକ ଜବତ କରିବା ସହ ମାମଲା ରୁଜୁ କରାଯାଇଛି। ଆଇନ୍ ଅନୁଯାୟୀ କୋର୍ଟରେ ୫ରୁ ୧୦ହଜାର ଟଙ୍କା ଦାଖଲ କରି ଅନୁମତି ଆଣିବା ପରେ ଗାଡିକୁ ଚାଳକମାନେ ମୁକୁଳାଇ ନେଇପାରିବ।

ରଙ୍ଗ ରୁଟ୍ ଗାଡ଼ିଚାଳନା ଉପରେ କାର୍ଯ୍ୟାନୁଷ୍ଠାନ ସହ ଏଣିକି ମୋବାଇଲ୍‌ରେ କଥା ହୋଇ ଗାଡ଼ି ଚଳାଇଲେ ବି ହେବ ଦୃଢ଼ କାର୍ଯ୍ୟାନୁଷ୍ଠାନ। ଏପରିକି ଗାଡ଼ି ସହ ମୋବାଇଲ୍ ଜବତ କରାଯିବ ବୋଲି କୁହାଯାଇଛି।

ସୂଚନାଯୋଗ୍ୟ ଯେ, ରଙ୍ଗ୍‌ରୁଟ୍ ଚାଳନା ରୋକିବା ଲାଗି ସ୍ପାଇକ୍ ବ୍ୟାରିଅର ବ୍ୟବସ୍ଥା କରାଯାଇଥିଲା। ଏହି ସ୍ପାଇକ୍ ବ୍ୟାରିଅର ବ୍ୟବସ୍ଥା ଦ୍ୱୈତନଗରୀରେ କାର୍ଯ୍ୟକାରୀ କରିବା ପାଇଁ କୁହାଯାଇଥିଲା। ଏହି ପରିପ୍ରେକ୍ଷୀରେ ସହରର ରସୁଲଗଡ଼ ସ୍ଥିତ ଏକ୍ସପ୍ଲାନେଟେଡ୍ ଏହାକୁ ପରୀକ୍ଷାମୂଳକ ଭାବେ କାର୍ଯ୍ୟକ୍ଷମ କରାଯାଇଥିଲା। କେଉଁଠି ଓ କ'ଣ ପାଇଁ ଏ ଯୋଜନାରେ ଅଟକିଲା ତାକୁ ନେଇ ବିଭିନ୍ନ ମତମନ୍ତବ୍ୟ ପ୍ରକାଶ ପାଇଥିଲା। ଉକ୍ତ ସ୍ଥାନଗୁଡିକରେ ବାରମ୍ବାର ଦୁର୍ଘଟଣା ହେବାରୁ ଏଭଳି ସ୍ୱତନ୍ତ୍ର ବ୍ୟବସ୍ଥା କରିଥିଲା କମିସନରେଟ ପୁଲିସ।

### ୪ଦିନରେ ଫସିଲେ ୪ଶହ ଖିଲାପକାରୀ

ସହରରେ ନିଶାସକ୍ତ ଅବସ୍ଥାରେ ଗାଡି ଚାଳନା, ବିପରୀତ ଦିଗରେ ଗାଡି ଚାଳନା, ଗାଡି ଚଳାଇବା ସମୟରେ ମୋବାଇଲ ଫୋନ୍‌ରେ ଗପିବା ଆଦି କ୍ଷେତ୍ରରେ ଚଢ଼ଉକୁ ଜୋରଦାର କରାଯାଉଛି। ବିଗତ ୪ଦିନରେ ଏସଂକ୍ରାନ୍ତୀୟ ଟ୍ରାଫିକ ନିୟମ ଭାଙ୍ଗି ୪୦୦ ଖିଲାପକାରୀ ଧରାପଡ଼ିଲେଣି। ଏହିକ୍ରମରେ ରବିବାର ୧୮ ଜଣ ଖିଲାପକାରୀଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ଏଥିସହ ୪୮ ଟି ଦୁଇ ଚକିଆ ଓ ଚାରି ଚକିଆ ଯାନ ଜବତ କରାଯାଇଛି। ସେଥିରୁ ୨୮ ଟି ଗାଡିକୁ କୋର୍ଟରେ ପିଆର ଦାଖଲ ହୋଇଛି। ଉଲ୍ଲଂଘନକାରୀଙ୍କ ଠାରୁ ୩୯ ହଜାର ୫୦୦ ଟଙ୍କା ଜରିମାନା ଆଦାୟ ହୋଇଛି। ସେହିପରି ମୋବାଇଲ ଫୋନ୍‌ରେ କଥା ହୋଇ ଗାଡି ଚଳାଉଥିବା ଚାଳକଙ୍କ ଗାଡି ସହ ମୋବାଇଲ ଫୋନ୍ ଜବତ କରାଯାଇଛି। ଚାଳକମାନେ ୫ରୁ ୧୦ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଦେବା ପରେ ମୋବାଇଲ ଫୋନ୍ ମୁକୁଳାଇ ନେଇପାରିବେ। କୋର୍ଟରୁ ରିଲିଜ ଅର୍ଡର ଆଣିବା ପରେ ଚାଳକ ଗାଡ଼ି ମୁକୁଳାଇ ନେଇପାରବେ ବୋଲି କୁହାଯାଇଛି। ସେପରି ଚାଳକଙ୍କୁ ଡ୍ରାଇଭିଂ ଲାଇସେନ୍ସ ବାତିଲ୍ ଲାଗି ପରିବହନ ବିଭାଗକୁ ଚିଠି ଲେଖାଯାଇଛି ବୋଲି ପୁଲିସ କମିସନର ସଞ୍ଜୀବ ପଣ୍ଡା ସୂଚନା ଦେଇଛନ୍ତି।

### ସ୍ପାଇକ ବ୍ୟାରିଅର କ'ଣ



ହମ୍ପସ୍ ଉପରେ କଣ୍ଟା ଆକୃତିକ ପ୍ଲେଟ୍ ରହିଥାଏ। ପ୍ଲେଟ୍‌ଗୁଡିକରେ ସ୍ପ୍ରିଙ୍ଗ୍ ବ୍ୟବସ୍ଥା ଥିବାରୁ ସଠିକ୍ ରାସ୍ତାରେ ଗାଡ଼ି ଗଲେ ଉକ୍ତ ପ୍ଲେଟ୍‌ଗୁଡିକ ଦବିଯିବ।ହେଲେ ବିପରୀତ ରାସ୍ତାରେ ଅର୍ଥାତ୍ ରଙ୍ଗ୍‌ରୁଟ୍ ଗାଡ଼ିଗଲେ କଣ୍ଟାଗୁଡିକ ବଙ୍କା ହୋଇ ରହିଥିବାରୁ ଟାୟାରରେ ଫୁଟିଯିବ। ଏହାକୁ ଟାୟାର କିଲର ମଧ୍ୟ କୁହାଯାଇଥାଏ। ଏହାଦ୍ୱାରା ବିପରୀଦ ଦିଗରୁ ଆସୁଥିବା ଗାଡ଼ିଗୁଡିକୁ ଅଟକାଇବାକୁ ପଡ଼ିବନି। ଗାଡ଼ି ଚାଳକ ଆପେ ଆପେ ବିପରୀତ ଦିଗରେ ନ ଯାଇ ସଠିକ୍ ରାସ୍ତାରେ ଯିବେ। ଏଥିସହିତ ଦୁର୍ଘଟଣା ହ୍ରାସ ହେବା ସହ ଟ୍ରାଫିକ ନିୟନ୍ତ୍ରଣରେ ସହାୟକ ହେବ। ସେପରି ସ୍ପାଇକ୍ ବ୍ୟାରିଅର ଭଳି ବ୍ୟବସ୍ଥା କେବଳ ବିଦେଶରେ ରହିଛି।

## ମାଟି ଉଠାଣକୁ ନେଇ ଗୋଷ୍ଠୀ ସଂଘର୍ଷ

ଭୁବନେଶ୍ୱର, ୨।୬ (ସମିସ): ମୋରମ ଓ ମାଙ୍କଡ଼ା ପଥର ଚୋରା ଚାଲାଣ ପରେ ଏବେ ମାଟି ଉଠାଣକୁ ନେଇ ବିବାଦ ଆରମ୍ଭ ହୋଇଛି। ଏହାକୁ କେନ୍ଦ୍ରକରି ଦୁଇ ପକ୍ଷ ମୁହାଁମୁହିଁ ହୋଇଛନ୍ତି। ଆକ୍ରମଣ ଓ ପ୍ରତି ଆକ୍ରମଣରେ ଦୁଇ ଜଣ ଆହତ ହୋଇଛନ୍ତି। ଏୟାରଫିଲ୍ଡ ଥାନା ଅନ୍ତର୍ଗତ ପାଞ୍ଚଗାଁ ଅଞ୍ଚଳରେ ଏଭଳି ଘଟଣା ଘଟିଛି। ଅଭିଯୋଗ ଅନୁଯାୟୀ, ଜଟଣୀ ତହସିଲ ଅଧୀନସ୍ଥ ପାଞ୍ଚଗାଁ, ନିରଞ୍ଜନପୁର, କନ୍ତିଆ, ମୁଣ୍ଡଳ, ରଥିପୁର, ବୁଢ଼ାପଡ଼ା ଅଞ୍ଚଳରେ ଲଘୁ ଖଣିଜ ଚୋରା ଚାଲାଣ ପୂର୍ବାପେକ୍ଷା ଢେର ବୃଦ୍ଧି ପାଇଛି। ରାତିଦିନ ମାଟି ଚୋରା ଚାଲାଣ ହେଉଛି। ଟ୍ରିପ୍ ଟ୍ରିପ୍ ମାଟି ଚାଲାଣ ଯୋଗୁଁ ରାଜସ୍ୱ ହାନି ମଧ୍ୟ ଘଟୁଛି। ନିକଟରେ ଏହାକୁ ନେଇ ମୁଣ୍ଡଳ ଗ୍ରାମବାସୀ ମାନେ ଅସନ୍ତୋଷ ପ୍ରକାଶ କରିବା ସହିତ ଥାନାର ଦ୍ୱାରସ୍ଥ ହୋଇଥିଲେ। ଶନିବାର ରାତିରେ ପାଞ୍ଚଗାଁ ବେଣା ଗହୀରରୁ ବେଆଇନ ଭାବେ ମାଟି ଉଠାଇବାକୁ କେନ୍ଦ୍ରକରି ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ଗୋଟିଏ ଗୋଷ୍ଠୀର ଲୋକ ଜଣେ ଯୁବକଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଛନ୍ତି। ଫଳରେ ତାଙ୍କ ମଥା, କହୁଣି ଓ ଗୋଡ଼ରେ ଆଘାତ ଲାଗିଥିଲା। ପ୍ରତି ଆକ୍ରମଣରେ ଅନ୍ୟ ଏକ ଗୋଷ୍ଠୀର ଜଣେ ଯୁବକ ଆହତ ହୋଇଛନ୍ତି। ପୁଅକୁ ଆକ୍ରମଣ କରାଯାଇଥିବା ନେଇ ପୁଷ୍ପଲତା ଗୁରୁ ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଥିବା ବେଳେ ଅପରପକ୍ଷ ମଧ୍ୟ ଥାନାରେ ଅଭିଯୋଗ କରିଛନ୍ତି। ଏୟାରଫିଲ୍ଡ ଥାନା ପୁଲିସ ଅଭିଯୋଗ ଆଧାରରେ ଦୁଇଟି ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏଥିସହିତ ଚଢ଼ଉ କରି ୪ ଜଣଙ୍କୁ ଥାନାକୁ ଉଠାଇ ଆଣିଛି। ସେମାନଙ୍କୁ ଅଟକ ରଖି ପଚରାଉଚୁରା ଚଳାଇଛି। ଆସନ୍ତାକାଲି ସେମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୁଲିସ କହିଛି। ସୂଚନାଯୋଗ୍ୟ ଯେ, ପ୍ରଶାସନିକ ଅଧିକାରୀମାନେ ନିର୍ବାଚନ ପ୍ରକ୍ରିୟାରେ ରହିଥିବା ବେଳେବେଳେ ଏହାର ସୁଯୋଗ ନେଇ ମାଫିଆମାନେ ସକ୍ରିୟ ହୋଇଛନ୍ତି। ଅନାୟସରେ ଲଘୁ ଖଣିଜ ପଦାର୍ଥ ଚୋରା ଚାଲାଣ କରୁଛନ୍ତି।






# ମୁକ୍ତ ବିଚରଣ କରିବେ 'ବଜ୍ରକାପ୍ତା'

**୨୪ ବଜ୍ରକାପ୍ତା ଓ ୪୨ କିଲୋ କାତି ଜବତ**

**କୋଲକାତା ଦେଇ ଚୀନ ଓ ଭିଏତ୍‌ନାମା ଚାଲାଣ**

ଭୁବନେଶ୍ୱର, ୨।୬(ସମିସ): ଜଙ୍ଗଲର ସନ୍ତୁଳନ ରକ୍ଷା କରିବା ପଛରେ ଅନ୍ୟତମ ସରଳ ପ୍ରାଣୀ ବଜ୍ରକାପ୍ତା। ଏହି ବିଲୁପ୍ତ ବଜ୍ରକାପ୍ତାଙ୍କ ଉପରେ ଜଙ୍ଗଲ ତସ୍କରୀଙ୍କ ଲୋଲୁପଦୃଷ୍ଟି ପଡ଼ିଛି। ଆର୍ନ୍ତଜାତିକ ବଜାରରେ ବଜ୍ରକାପ୍ତା ଓ କାତିର ଚାହିଦା ଥିବାରୁ ଦିନକୁ ଦିନ ଚୋରା ଚାଲାଣ ବୃଦ୍ଧି ହେଉଛି। ରାଜ୍ୟର ସମସ୍ତ ଜିଲ୍ଲା ସହ ରାଜଧାନୀରେ ବଜ୍ରକାପ୍ତା ରାକେଟ୍ ସକ୍ରିୟ ହେବା ପରେ ଜଙ୍ଗଲରେ ଏହି ବିଲୁପ୍ତପ୍ରାଣୀ ଅସୁରକ୍ଷିତ ଅବସ୍ଥାରେ ଚଳପ୍ରଚଳ କରୁଛନ୍ତି। ଗତ କିଛିବର୍ଷରେ ରାଜ୍ୟରୁ ୨୪ଟି ବଜ୍ରକାପ୍ତା ଜୀବିତ ଉଦ୍ଧାର କରିଛି ସ୍ପେଶାଲ ଟାସ୍କ ଫୋର୍ସ(ଏସ୍‌ଟିଏଫ୍)। ଏଥିସହ ୪୨ କିଲୋ ବଜ୍ରକାପ୍ତା କାତି ଉଦ୍ଧାର କରାଯାଇଛି। ୨୦୨୪ରେ ୩ଟି, ୨୦୨୩ରେ ୭ଟି, ୨୦୨୨ରେ ୯ଟି, ୨୦୨୧ରେ ୫ଟି ବଜ୍ରକାପ୍ତା ଜବତ ହୋଇଛି। ରାଜ୍ୟରେ ବଢୁଥିବା ବଜ୍ରକାପ୍ତା ଚାଲାଣକୁ ନେଇ ବନବିଭାଗ ଓ ବନ୍ୟଜନ୍ତୁ ଚୋରାଚାଲାଣ ତଦନ୍ତ କରୁଥିବା ସଂସ୍ଥାଗୁଡିକର ଚିନ୍ତାପ୍ରକଟ କରିଛନ୍ତି। ବଜ୍ରକାପ୍ତା ଉଦ୍ଧାର ପ୍ରକ୍ରିୟାକୁ ଜୋରଦାର କରାଯାଇଛି। ବଜ୍ରକାପ୍ତାଗୁଡିକୁ ଜଙ୍ଗଲରେ କିପରି ସୁରକ୍ଷିତ ଭାବେ ମୁକ୍ତବିଚରଣ କରିବେ, ତାକୁ ନେଇ ସୁରକ୍ଷାକୁ କଡ଼ାକଡ଼ି କରାଯାଇଛି।

ରାଜ୍ୟର ପଶ୍ଚିମ ଓଡ଼ିଶାରେ ଥିବା ଅଧିକାଂଶ ଜଙ୍ଗଲରେ ବଜ୍ରକାପ୍ତା ରହୁଛନ୍ତି। ବୌଦ୍ଧ, ଦେବଗଡ଼, ସମ୍ବଲପୁର, ସୋନପୁର, ବରଗଡ଼, ରେଢ଼ାଖୋଲ, କୋରାପୁଟ, ଅନୁଗୁଳ, ପଦ୍ମପୁର, କୋରାପୁଟ ଓ ବଲାଙ୍ଗିରରୁ ଅଧିକ ଜୀବନ୍ତ ବଜ୍ରକାପ୍ତା ଉଦ୍ଧାର କରାଯାଇଛି। ଓଡ଼ିଶାରୁ ଭାୟା କୋଲକାତା ଦେଇ ଚୀନ୍, ଭିଏତନାମା ଓ ମିଆଁମାର ଭଳି ଦେଶରେ ଏସବୁ ଦୁର୍ଲଭ ଜିନିଷକୁ ଚାଲାଣ କରାଯାଉଛି। ସେଠାରେ ବଜ୍ରକାପ୍ତା ପହଞ୍ଚିବା ପରେ ଅପରେସନ୍ ଆରମ୍ଭ ହୁଏ। ବଜ୍ରକାପ୍ତା କାତି ଓ ମାଂସକୁ ନେଇ ଚୀନ ପାରମ୍ପରିକ ଚାଇନିଜ ଔଷଧ ପ୍ରସ୍ତୁତ କରିବାରେ ବ୍ୟବହାର କରିଥାଏ। ଔଷଧୀୟ ଗୁଣ ଅଧିକ ରହିଥିବା ସହ ମାଂସର ଚାହିଦା ରହିଛି। ସେଠାରେ ବଜ୍ରକାପ୍ତା ମାଂସ କିଲୋ ପିଛା ୨୫ହଜାର ଟଙ୍କାରେ ବିକ୍ରି କରାଯାଏ। ଏପରିକି ମହଙ୍ଗା ରେସ୍ତୋରାରେ ବିକ୍ରି କରାଯିବା ସହ ମା' ହୋଇଥିବା ମହିଳାଙ୍କୁ ଖାଇବାକୁ ଦିଆଯାଇଥାଏ। କେବଳ ଏତିକି ନୁହେଁ, କ୍ୟାପସୁଲ ଓ ଅନ୍ୟାନ୍ୟ ସାମଗ୍ରୀ ପ୍ରସ୍ତୁତ କରାଯାଏ। ସେଭଳି ସେଠାରେ ବଜ୍ରକାପ୍ତା କାତି ଓ ମାଂସ ବ୍ୟବହାର କରି ଔଷଧ ପ୍ରସ୍ତୁତ ହେବା ସହ ଚଢ଼ା ଦାମ୍‌ରେ ଧନୀ ଶ୍ରେଣୀର ବ୍ୟକ୍ତିଙ୍କୁ ବିକ୍ରି କରାଯାଉଛି।

ଇଣ୍ଟରନ୍ୟାସନାଲ ୟୁନିଅନ୍ ଫର କଞ୍ଜର୍ଭେସନ ଅଫ୍ ନେଚର ରିପୋର୍ଟ କହୁଛି, ସାରା ବିଶ୍ୱର ହେଉଥିବା ପ୍ରାଣୀମାନଙ୍କ ଚୋରା ଚାଲାଣରେ ୨୮ ପ୍ରତିଶତ କେବଳ ବଜ୍ରକାପ୍ତା ରହିଛନ୍ତି। ବିଲୁପ୍ତ ବଜ୍ରକାପ୍ତା ମାମଲ୍ସ ଶ୍ରେଣୀର ଅନ୍ତର୍ଭୁକ୍ତ ହୋଇଥିବାରୁ ଏହାର ଚାହିଦା ବେଶୀ ରହିଥାଏ। ସେହିପରି ବଜ୍ରକାପ୍ତା ଚାଲାଣ ରୋକିବାକୁ ଇଣ୍ଟରପୋଲର ସହାୟତା ଲୋଡ଼ାଯାଇଥିଲା। ବଜ୍ରକାପ୍ତା ଶିକାରୀ ଓ ଦଲାଲଙ୍କୁ ଏସ୍‌ଟିଏଫ୍, ବନବିଭାଗ ଓ ଅନ୍ୟ ତଦନ୍ତକାରୀ ସଂସ୍ଥା ଗିରଫ କରୁଛି। ଗିରଫ ପରେ ତଦନ୍ତ ଓ ପ୍ରମାଣ ଯୋଗାଡ଼ରେ ତଦନ୍ତକାରୀ ଅଧିକାରୀଙ୍କ ଦୀର୍ଘ ଦିନ କସରତ କରିବାକୁ ପଡୁଛି। ଫଳରେ ବଜ୍ରକାପ୍ତା ଚୋରା ଚାଲାଣରେ ସମ୍ପୃକ୍ତି ରହିଥିବା ଅଭିଯୁକ୍ତ ଜାମିନ୍‌ରେ ମୁକୁଳି ଯାଉଛନ୍ତି। ପରେ ପୁଣି ଜଙ୍ଗଲରେ ରହି ବଜ୍ରକାପ୍ତା ଚୋରା ଚାଲାଣରେ ସମ୍ପୃକ୍ତି ରହୁଛନ୍ତି। ଏପରିକି ଜଙ୍ଗଲ ତସ୍କରୀଙ୍କ ବିରୋଧରେ ଦଣ୍ଡବିଧାନ ହାର ଢେର୍ କମ୍ ଥିବାରୁ ଦଲାଲଙ୍କ ଉପରେ ଅଙ୍କୁଶ ଲାଗୁନି।

ଏସ୍‌ଟିଏଫ୍‌ର ଜଣେ ବରିଷ୍ଠ ଅଧିକାରୀଙ୍କ ମତ ଅନୁଯାୟୀ, ବଜ୍ରକାପ୍ତାର ଅର୍ନ୍ତଦେଶୀୟ ଲିଙ୍କ୍ ବିଷୟରେ ଖୋଳତାଡ କରାଯାଉଛି। ବଜ୍ରକାପ୍ତା ଜଙ୍ଗଲରେ ଉଇ ଖାଇବାରୁ ଗଛଗୁଡ଼ିକ ରକ୍ଷା ପାଇଯାଇଥାଏ। ବଜ୍ରକାପ୍ତା ହିଂସ୍ର ପ୍ରଜାତିର ହୋଇନଥିବାରୁ ଏହାକୁ ଧରିବା ସହଜ ହେଉଛି। ବଜ୍ରକାପ୍ତା କାତିରେ ଔଷଧୀୟ ଗୁଣ ଥିବାରୁ ତସ୍କରୀମାନେ ଧରି ରାଜ୍ୟ ବାହାରକୁ ଚାଲାଣ କରୁଛନ୍ତି। ବଜ୍ରକାପ୍ତା ଚାଲାଣକୁ ରୋକିବା ଲାଗି ଜନ ସଚେତନତା ସୃଷ୍ଟି କରିବା ସହ ଚଢ଼ଉ କରାଯାଉଛି।



**ଜୀବନର କେତେ ରଙ୍ଗ**

## ନଡ଼ିଆ ବିକିଲେ ଚଳେ ତ୍ରିବେଣୀଙ୍କ ସଂସାର

ଭୁବନେଶ୍ୱର, ୨।୬(ସମିସ): ଜୀବିକା ପାଇଁ ସଂଘର୍ଷ କରୁଛନ୍ତି ତ୍ରିବେଣୀ। ନଡ଼ିଆ ବିକି ଚଳାଉଛନ୍ତି ନିଜ ପରିବାର। ତ୍ରିବେଣୀ ସାହୁ, ଗଞ୍ଜାମରୁ ରାଜଧାନୀ ଭୁବନେଶ୍ୱରକୁ ଚାଲିଆସିଥିଲେ। ଜୀବିକା ପାଇଁ ଚିନ୍ତା କରି ଶେଷରେ ନଡ଼ିଆ ବିକ୍ରି କରି ପରିବାର ମୁହଁରେ ଆହାର ଦେଲେ। ଏବେ ସେହି ବେପାର ତାଙ୍କର ଜୀବିକା। ସକାଳ ୧୦ରୁ ରାତି ୧୦ ଯାଏଁ ସେ ନଡ଼ିଆ ବିକ୍ରି ପାଇଁ ଗ୍ରାହକଙ୍କ ଅପେକ୍ଷାରେ ରହିଥାନ୍ତି। ପିପିଲି ବ୍ୟବସାୟୀଙ୍କଠୁ ନଡ଼ିଆ ଆଣି ସେ ରାଜଧାନୀରେ ବିକୁଛନ୍ତି। ତ୍ରିବେଣୀଙ୍କ ବୟସ ୭୦ ଛୁଇଁଲାଣି ହେଲେ ଘରେ ୧୦୦ ବର୍ଷର ଶାଶୂ ଓ ଗୋଟିଏ ପୁଅର ବୋଝ କାନ୍ଧରେ ଥିବାରୁ ବାହାରକୁ ବାହାରି କାମ କରିବାକୁ ପଡୁଛି। ଅଧା ବୟସରେ ସ୍ୱାମୀଙ୍କ ଦେହାନ୍ତ ପରେ ତ୍ରିବେଣୀଙ୍କ ମୁଣ୍ଡରେ ଶାଶୂ ଓ ଦୁଇ ଝିଅଙ୍କ ସହ ଗୋଟେ ପୁଅକୁ ପାଳିବାର ଦାୟିତ୍ୱ ନିଅନ୍ତି। ୧ନମ୍ବର ହାଟ ପାଖରେ ତାଙ୍କର ନଡ଼ିଆ ପସରା। କେତେବେଳେ କେମିତି ୫୦୦ କି ହଜାରେ ଟଙ୍କା ଦିନକୁ ମିଳିଲେ ସେ ଖୁସିରେ ଘରକୁ ଫେରନ୍ତି। ପୁଅ ପାଠପଢ଼ି ଭଲ ସରକାରୀ ଚାକିରି ଖଣ୍ଡେ କଲେ ତାଙ୍କ ଦୁଃଖ ଯିବ ବୋଲି ସେହି ଆଶା ତାଙ୍କୁ କେବେ ଭାଙ୍ଗିବାକୁ ଦେଇନି ବୋଲି କୁହନ୍ତି। ଛୋଟ ନଡ଼ିଆର ମୂଲ୍ୟ ୩୦ ଟଙ୍କା ଥିଲାବେଳେ ତାଠୁ ଟିକେ ବଡ଼ ନଡ଼ିଆ ୪୦ ଟଙ୍କାରେ ବିକୁଛନ୍ତି ସେ। ହେଲେ ନଡ଼ିଆର ଦାମ ଶୁଣି ଲୋକ ମୁହଁ ଫେରାଇ ଦେଉଥିବାରୁ ନିରାଶ ହୋଇ କେବେ କେବେ ତାଙ୍କୁ ଘରକୁ ଫେରିବାକୁ ପଡ଼ିଥାଏ। କେବଳ ପୂଜା ପର୍ବରେ ହିଁ ତାଙ୍କ ଦୋକାନରେ ଭିଡ ଜମେ ଏବଂ ଭଲ ଲାଭ ମିଳିଥାଏ। ଖରା ବର୍ଷା କିମ୍ବା ଶୀତ ଦିନରେ ବି ତାଙ୍କୁ ରାତି ୧୦ଟା ଯାଏଁ ସେଠାରେ ନଡିଆ ବିକୁଥିବାର ଦେଖିବାକୁ ମିଳେ। ତାଙ୍କ ପରିଣତ ବୟସରେ କେବେ ବି ମନ ବଳ ଭାଙ୍ଗି ପାରିବନି ବୋଲି ସେ କହିଛନ୍ତି।



## ଗ୍ରୀଷ୍ମପ୍ରବାହ ଯୋଗୁଁ ପଥଚାରୀଙ୍କୁ ଛତା ବଣ୍ଟନ




ଭୁବନେଶ୍ୱର, ୨।୬(ସମିସ): 'ଓଡ଼ିଶା ଫିଲ୍ମ ଏଣ୍ଡ ଟେଲିଭିଜନ ଡାଇରେକ୍ଟର ଆସୋସିଏସନ୍' ଓ 'ଆର୍ଟ ଅଫ୍ ଗିଭିଂ' ପକ୍ଷରୁ ପଥଚାରୀଙ୍କୁ ଛତା ବଣ୍ଟନ କରାଯାଇଛି। ଭୁବନେଶ୍ୱରର ଶ୍ରୀୟା ଟକିଜ୍, ରାମ ମନ୍ଦିର, ରେଲୱେ ଷ୍ଟେସନ ଓ ରାଜଧାନୀର ଅନ୍ୟାନ୍ୟ ସ୍ଥାନରେ ଏହି ଛତା ବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଅତ୍ୟଧିକ ଗ୍ରୀଷ୍ମପ୍ରବାହ ଯୋଗୁଁ ଅନେକ ଜୀବନ ହାନି ହେଉଥିବାରୁ ଡାଇରେକ୍ଟର ଆସୋସିଏସନ୍ ସାଧାରଣ ଅଭାବୀ ଜନସାଧାରଣଙ୍କୁ ସାହାଯ୍ୟର ହାତ ବଢ଼ାଇଛନ୍ତି। ଏହି ଛତା ବଣ୍ଟନ କାର୍ଯ୍ୟକ୍ରମରେ ବରିଷ୍ଠ ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର, ହିମାଂଶୁ ଶେଖର ଖଟୁଆ, ଅବତାର ସିଂ, ବବି ଇସଲାମ୍‌ଙ୍କ ସହ ପ୍ରାୟ ୨୦ ଜଣ ନିର୍ଦ୍ଦେଶକ ପ୍ରାୟ ୧ହଜାର ଛତା ବଣ୍ଟନ କରିଥିଲେ। ଆଗାମୀ ଦିନରେ ଏହିଭଳି ଜନସେବା କାର୍ଯ୍ୟକ୍ରମ ଜାରି ରହିବ ଏବଂ ଆଗାମୀ ରଥଯାତ୍ରା ଦିନ ପୁରୀରେ ଯାତ୍ରୀମାନଙ୍କ ପାଇଁ ଜଳଛତ୍ର ଓ ଯାତ୍ରୀ ସେବା ଶିବିର ଆୟୋଜନ କରାଯିବାର ଯୋଜନା ରହିଛି ବୋଲି ନିର୍ଦ୍ଦେଶକ ବବି ଇସଲାମ କହିଛନ୍ତି।

## 'ଆଇ ଓମେନ୍ ଅଫ୍ ସବ୍‌ଷ୍ଟାନ୍ସ' ପୁରସ୍କାର ପ୍ରଦାନ




ଭୁବନେଶ୍ୱର, ୨।୬(ସମିସ): କଳିଙ୍ଗ ଗୌରବ ଫାଉଣ୍ଡେସନ୍ ଆନୁକୂଲ୍ୟରେ 'ଆଇ ଓମେନ୍ ଅଫ୍ ସବ୍‌ଷ୍ଟାନ୍ସ' ପୁରସ୍କାର ୨୦୨୪' ପ୍ରଦାନ କରାଯାଇଛି। ଏ ନେଇ ଲାଫିଷ୍ଟାଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭିନ୍ନ ବର୍ଗର ମହିଳା ସାମିଲ୍ ହୋଇଥିଲେ। 'ମଦର ଅଫ୍ ଦି ଇୟର ୨୦୨୪' ଭାବେ ଗଜଲକ୍ଷ୍ମୀ ରାୟ, '୨୦୨୪ ଆଜୀବନ ଆଚିଭମେଣ୍ଟ ଆୱାର୍ଡ'ରେ ଡକ୍ଟର ବନଜା ମହାନ୍ତି, 'ଫେସ୍ ଅଫ୍ ଦି ଇୟର୍ ୨୦୨୪' ଇତି ସାମନ୍ତ, '୨୦୨୪ ମହିଳା ପ୍ରେରଣା ପୁରସ୍କାର' ୧୦୭ ବର୍ଷୀୟା ଝୁଲା ଘଡ଼େଇ ଏବଂ ବର୍ଷର 'ଶ୍ରେଷ୍ଠ ଡାକ୍ତର' ଭାବେ ଡକ୍ଟର ସ୍ମିତ ପ୍ରଜ୍ଞା ବେହେରା ସମ୍ମାନିତ ହୋଇଛନ୍ତି। ଏଥିସହିତ ବିଟିୟା ଫାଉଣ୍ଡେସନ ପକ୍ଷରୁ ୩୦ ଜଣ ବିଜେତାଙ୍କୁ ବାଳିକା ଶିଶୁ ଶିକ୍ଷା କ୍ଷେତ୍ରରେ ତାଙ୍କର ସହାୟତା ପାଇଁ ସମ୍ମାନିତ କରାଯାଇଥିଲା। କଳିଙ୍ଗ ଗୌରବ ଟ୍ରଷ୍ଟର ସେକ୍ରେଟାରୀ ଜେନେରାଲ୍ ଡକ୍ଟର ଚିଦାତ୍ମିକା ଖଟୁଆ କହିଛନ୍ତି 'ଆଇ ଓମେନ୍ ଅଫ୍ ସବ୍‌ଷ୍ଟାନ୍ସ' ପୁରସ୍କାର ଏକ ସ୍ୱତନ୍ତ୍ର ପୁରସ୍କାର। ଗତ ୧୧ ବର୍ଷ ଧରି ଦେଶ ବିଦେଶର ଅନେକ ମହିଳାଙ୍କୁ ତାଙ୍କ ଅବିଶ୍ୱସନୀୟ କାର୍ଯ୍ୟ ପାଇଁ 'ଆଇ ଓମେନ୍ ଅଫ୍ ସବ୍‌ଷ୍ଟାନ୍ସ' ପୁରସ୍କାର ଦିଆଯାଉଛି। ମେଜର୍ କଳ୍ପନା ଦାସ, ନମ୍ରତା ଚଢା, ଜଗନ୍ନାଥ ଖୁଆ, ସୁରଜ କେ ରାଜ, ଡ.ରୋଜାଲିନ୍ ପାଟ୍ଟଶାଣୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ମହିଳା ସଂସଦ ୨୦୨୪ ପତ୍ରିକାର ଏକ ସତନ୍ତ୍ର ସଂସ୍କରଣ ଉନ୍ମୋଚିତ ହୋଇଥିଲା।

## ଏସିଆର ପ୍ରତିନିଧି ନିର୍ବାଚିତ ହେଲେ ପୂର୍ଣ୍ଣ ଚନ୍ଦ୍ର ମିଶ୍ର



ଭୁବନେଶ୍ୱର, ୨।୬(ସମିସ): 'ଏଣ୍ଡ ୱାଟର ପୋଭେରଟି' (ଇଡବ୍ଲୁପି)ର ପ୍ରତିନିଧି ଭାବେ ନିର୍ବାଚିତ ହୋଇଛନ୍ତି ପୂର୍ଣ୍ଣଚନ୍ଦ୍ର ମିଶ୍ର। ନିକଟରେ ଏସିଆ ମହାଦେଶର ବିଭିନ୍ନ ଦେଶରୁ ଆସିଥିବା ୬୫୦ ସଦସ୍ୟଙ୍କ ମଧ୍ୟରେ ଏସିଆର ପ୍ରତିନିଧିତ୍ୱ ପାଇଁ ଅନୁଷ୍ଠିତ ନିର୍ବାଚନରେ ଓଡ଼ିଶାର ପୂର୍ଣ୍ଣ ଚନ୍ଦ୍ର ମିଶ୍ର ୮୮ ପ୍ରତିଶତ ଭୋଟ ସହିତ ଅନ୍ୟ ଦୁଇ ସଦସ୍ୟରାଷ୍ଟ୍ରମାନଙ୍କର ପ୍ରତିନିଧିଙ୍କୁ ପରାସ୍ତ କରି ଏସିଆର ପ୍ରତିନିଧି ଭାବେ ବୋର୍ଡ଼କୁ ନିର୍ବାଚିତ ହୋଇଛନ୍ତି। ସେ ଏହି ବୋର୍ଡରେ ଏସିଆର ପ୍ରତିନିଧିତ୍ୱ କରିଥିବା ପ୍ରଥମ ଓଡ଼ିଆ ବ୍ୟକ୍ତି। ଶ୍ରୀ ମିଶ୍ର ଭାରତର ଜଣେ ଅଗ୍ରଣୀ ସାମାଜିକ କାର୍ଯ୍ୟକର୍ତ୍ତା ଭାବେ ଜଣାଶୁଣା। ଜଳ, ପରିମଳ ଏବଂ ପରିଚ୍ଛନ୍ନତା, କାରିଗରୀ ବିଦ୍ୟା, ସ୍ୱାସ୍ଥ୍ୟ ଓ ବିଜ୍ଞାନର ଲୋକପ୍ରିୟତା ପାଇଁ ଅହରହ ଚେଷ୍ଟା କରିବା ସହିତ ବିକାଶ କ୍ଷେତ୍ରରେ ତାଙ୍କର ଅର୍ଦ୍ଧ ଶତାବ୍ଦୀର ବ୍ୟାପକ ଅଭିଜ୍ଞତା ରହିଛି। ଏ ସବୁ କ୍ଷେତ୍ରରେ ଅନେକ ନୂତନତ୍ୱ ପ୍ରଣୟନ ସହ ସେ ୩୫ରୁ ଅଧିକ ପୁସ୍ତକ ଲିଖନ, ଅନୁବାଦ ଓ ପ୍ରକାଶିତ କରିବା ସହିତ ପ୍ରାୟ ୪୦ଟି ଦେଶର ଅନ୍ତର୍ଜାତୀୟ ମଞ୍ଚରେ ବିକାଶ ଉପରେ ପ୍ରାୟ ୬୦ଟି ଲେଖା ଉପସ୍ଥାପନ କରିଛନ୍ତି।

ସୂଚନାଥାଉ କି, ଇଡବ୍ଲୁପି ହେଉଛି ନିରାପଦ ଜଳ, ପରିମଳ ଏବଂ ପରିଚ୍ଛନ୍ନତାକୁ ପ୍ରୋତ୍ସାହିତ କରୁଥିବା ନାଗରିକ ସାମାଜିକ ସଂଗଠନଗୁଡିକର ଏକ ବିଶ୍ୱସ୍ତରୀୟ ମିଳିତ ମଞ୍ଚ। ବିଶ୍ୱର ୯୦ ଟି ଦେଶରେ ଏହାର ଉପସ୍ଥିତି ରହିଛି। ଏହାର ମୁଖ୍ୟ କାର୍ଯ୍ୟାଳୟ ବ୍ରିଟେନରେ ଅବସ୍ଥିତ। ଏହାର ପରିଚାଳନା ବୋର୍ଡ ଆଫ୍ରିକା, ଏସିଆ, ଇଉରୋପ ଏବଂ ଲାଟିନ ଆମେରିକାର ଚାରୋଟି ଭୌଗୋଳିକ ଅଞ୍ଚଳର ଆଞ୍ଚଳିକ ପ୍ରତିନିଧିଙ୍କୁ ନେଇ ଗଠିତ ହୋଇଛି।









# ବର୍ଷାରେ ବେହାଲ ରାଜଧାନୀ

**ଅଧିକାଂଶ ଅଞ୍ଚଳରେ ଜଳବନ୍ଦୀ ସମସ୍ୟା ● ଏନ୍ଏଚ୍ ସର୍ଭିସ ରୋଡ୍‌ରେ ବି ପାଣି ● ଗୁଳୁଗୁଳିରୁ ମିଳିଲା ଆଶ୍ୱସ୍ତି**

**ଭାଙ୍ଗିଲା ଗଛ, ରାସ୍ତା ଅବରୋଧ**

ଭୁବନେଶ୍ୱର, ୨।୬(ସମିସ):

ଘନଘନ ବିଜୁଳି ସାଙ୍ଗକୁ ଘଡ଼ଘଡ଼ି ସହ ବର୍ଷାରେ ଥରିଲା ରାଜଧାନୀ ଭୁବନେଶ୍ୱର। ଦୀର୍ଘ ସମୟ ପର୍ଯ୍ୟନ୍ତ ବର୍ଷା ଲାଗିରହିଥିଲା। ବର୍ଷାର ସ୍ଥିତି ଏଭଳି ହୋଇଥିଲା ଯେ ରାଜଧାନୀର ଅଧିକାଂଶ ରାସ୍ତାରେ ପାଣି ଜମି ରହିଥିଲା। ରବିବାର ରାତି ପ୍ରାୟ ୯ଟାରେ ପାଗ ବଦଳି ଯାଇଥିଲା। ୯ଟା ୩୦ ବେଳକୁ ଘଡ଼ଘଡ଼ି ସହ ବର୍ଷା ହୋଇଥିଲା। ଆରମ୍ଭରୁ ଝିପିଝିପି ବର୍ଷା ହୋଇଥିଲା। ଏହା ପରେ ବର୍ଷାର ପରିମାଣ ବଢ଼ିଥିଲା। ସହରରୁ ଆରମ୍ଭ କରି ଉପକଣ୍ଠ ଯାଏଁ ନିର୍ଦ୍ଧୁମ ବର୍ଷା ଛେଚିଥିଲା। ଖବର ଲେଖା ହେବା ପର୍ଯ୍ୟନ୍ତ ବର୍ଷା ଲାଗି ରହିଥିଲା। ରାଜଧାନୀରେ ହୋଇଥିବା ଲଗାଣ ବର୍ଷାରେ ଜଳାର୍ଣ୍ଣବ ହୋଇ ପଡ଼ିଥିଲା ରାଜଧାନୀର ରାସ୍ତାଘାଟ। ରାସ୍ତା ଉପରେ ଆଣ୍ଠୁଏ ଉଚ୍ଚର ପାଣି ପ୍ରବାହିତ ହୋଇଥିଲା। ଲଗାଣ ବର୍ଷା ଯୋଗୁଁ ଇସ୍କନ ମନ୍ଦିର ଆଗ, ଲକ୍ଷ୍ମୀସାଗର, ପୁରୁଣା ଭୁବନେଶ୍ୱର, ନୂଆପଲ୍ଲୀ, ରସୁଲଗଡ଼, ମଞ୍ଚେଶ୍ୱର, ସହୀଦନଗର, ଜୟଦେବ ବିହାର ପ୍ରମୁଖ ଅଞ୍ଚଳରେ ବର୍ଷା ପାଣି ଜମି ରହିଥିଲା। ଘଣ୍ଟା ଘଣ୍ଟା ଧରି ସାଧାରଣ ଲୋକଙ୍କ ଜୀବନଯାତ୍ରା ପ୍ରଭାବିତ ହୋଇଥିଲା। ପରିସ୍ଥିତି ଏମିତି ହୋଇଥିଲା ଯେ ଘରୁ ବାହାରିବା ଅସମ୍ଭବ ହୋଇ ଯାଇଥିଲା। ବାହାରେ ଥିବା ଲୋକ ଯିଏ ଯେଉଁଠି ପାଇଲେ ଆଶ୍ରୟ ନେଇଥିଲେ। କିଏ ଓଭରବ୍ରିଜ ତଳେ ଛିଡ଼ା ହୋଇ ରହିଥିଲା। ତ ଆଉ କିଏ ରାସ୍ତା କଡ଼ ଦୋକାନରେ ଆଶ୍ରୟ ନେଇଥିଲା। ଗୁଳୁଗୁଳିରେ ଆଉଟୁପାଉଟୁ ହେଉଥିବା ଲୋକେ ବର୍ଷା ଯୋଗୁଁ ଆଶ୍ୱସ୍ତ ହୋଇଥିଲେ।

ରାସ୍ତାରେ ବର୍ଷା ପାଣି ଜମିଯିବାରୁ ଜୀବନ ଯାତ୍ରା ଏକ ପ୍ରକାର ଠପ୍ ହୋଇ ଯାଇଥିଲା। ରାଜଧାନୀର ଗଳିକନ୍ଦି ନୁହେଁ ବରଂ ଜାତୀୟ ରାଜପଥ ଓ ସଂଲଗ୍ନ ରାସ୍ତାରେ ମଧ୍ୟ ଜଳବନ୍ଦୀ ସମସ୍ୟା ଦେଖା ଦେଇଥିଲା। ତମାଣ୍ଡୋ ଠାରୁ ଆରମ୍ଭ କରି ପଳାଶୁଣି ପର୍ଯ୍ୟନ୍ତ ଉଭୟ ପଟ ସର୍ଭିସ ରାସ୍ତାରେ ବର୍ଷା ପାଣି ଜମି ରହିଥିଲା।





ବରମୁଣ୍ଡା, ଫାୟାର ଷ୍ଟେସନ, ସିଆରପି, ନୂଆପଲ୍ଲୀ, ଜୟଦେବ ବିହାର ଆଦି ଓଭରବ୍ରିଜ ଉପରେ ୨/୩ ଫୁଟ ଉଚ୍ଚତାର ପାଣି ଜମି ରହିଥିଲା। ଫଳରେ ଖୋର୍ଦ୍ଧା - ଭୁବନେଶ୍ୱର ଓ ଭୁବନେଶ୍ୱର - ଖୋର୍ଦ୍ଧା ରାସ୍ତାରେ ଯାତାୟାତ ଏକ ପ୍ରକାର ଠପ୍ ହୋଇଯାଇଥିଲା। ରାସ୍ତାରେ ଶତାଧିକ ଗାଡ଼ିମଟର ଅଟକି ରହିଥିଲା। ଲଗାଣ ବର୍ଷାରେ ରାସ୍ତା ଦେଖା ଯାଇପାରିନଥିଲା। ରାସ୍ତା ଦେଖା ନଯିବାରୁ ଏକାଧିକ ସ୍ଥାନରେ ଛୋଟବଡ଼ ଦୁର୍ଘଟଣା ଘଟିଥିଲା। ପାଣି ଛିଟିକା ପାଇଁ ହାତାହାତି ପରିସ୍ଥିତି ମଧ୍ୟ ସୃଷ୍ଟି ହୋଇଥିଲା। ବର୍ଷା ସାଙ୍ଗକୁ ରାସ୍ତା ଜାମ୍ ଲୋକଙ୍କ ସମସ୍ୟାକୁ ଦ୍ୱିଗୁଣିତ କରିଥିଲା। ସହରର ବିଭିନ୍ନ ସ୍ଥାନରେ ଜଳବନ୍ଦୀ ସମସ୍ୟା ଦେଖା ଦେଇଥିଲା। ରଥ ରୋଡ୍, ବମିଖାଲ - ରସୁଲଗଡ଼ ରାସ୍ତା, ଇସ୍କନ ମନ୍ଦିର, ଜୟଦେବ ବିହାର, ଆଚାର୍ଯ୍ୟ ବିହାର, ଗଭର୍ଣ୍ଣର ହାଉସ ଛକ, କ୍ୟାପିଟାଲ ଡାକ୍ତରଖାନା-ଶିଶୁଭବନ ରାସ୍ତା, ୟୁନିଟ ୧ କଲୋନୀ, ସିଟି ଓମେନ୍ସ କଲେଜ-ଜାଗମରା ରାସ୍ତା ଓ ଶିରିପୁର ଆଦି ଅଞ୍ଚଳ ଜଳାର୍ଣ୍ଣବ ହୋଇଥିଲା। ସ୍ଥିତି ଏମିତି ହୋଇଥିଲା ଯେ ରାସ୍ତା ଓ ଡ୍ରେନ୍ ଏକାକାର ହୋଇ ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଇଥିଲା। ଏଭଳି ଜଳ ଯନ୍ତ୍ରଣା ପରିସ୍ଥିତି ବିଏମ୍‌ସିର ପୂର୍ବ ପ୍ରସ୍ତୁତିକୁ ପଦାରେ ପକାଇ ଦେଇଥିଲା। ପବନବର୍ଷା ଯୋଗୁଁ ରାଜଧାନୀର ଏକାଧିକ ସ୍ଥାନରେ ଗଛଗୁଡ଼ିକ ଭାଙ୍ଗି ରାସ୍ତାରେ ପଡ଼ିଥିଲା। କେତେକ ସ୍ଥାନରେ ଆଜବେଷ୍ଟସ୍ ଓ ହୋର୍ଡିଂ ଭାଙ୍ଗି ତଳେ ପଡ଼ିଥିଲା। ଫଳରେ କେତେକ ସ୍ଥାନରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଥିଲା।

## 'ଓଡ଼ିଶା କୁଇନ୍ସ'ର ଚତୁର୍ଥ ସଂସ୍କରଣ ୨୦ରୁ

ଭୁବନେଶ୍ୱର, ୨।୬(ସମିସ): ଆର.ଆର. ଇଭେଣ୍ଟସ୍ ଆଣ୍ଡ ପ୍ରମୋସନ ଦ୍ୱାରା ଆସନ୍ତା ଜୁଲାଇ ମାସ ୨୦ ତାରିଖରେ ଭୁବନେଶ୍ୱରସ୍ଥିତ ରେଳବାଇ ଅଡିଟୋରିଉମଠାରେ ଅନୁଷ୍ଠିତ ହେବାକୁ ଯାଉଛି। ଏଥିରେ ବିଶେଷ ଆକର୍ଷଣ ସାଜିବେ ବଲିଉଡ୍ ସୁନ୍ଦରୀ ଅଭିନେତ୍ରୀ ମଲାଇକା ଅରୋରା। ଏହା ପୂର୍ବରୁ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ପ୍ରତିଯୋଗୀଙ୍କ ପାଇଁ ଅଡିସନ୍ ଅନୁଷ୍ଠିତ ହେବ। ବ୍ରହ୍ମପୁରରେ ଜୁନ ୧୯ ତାରିଖ, ବାଲେଶ୍ୱରରେ ଜୁନ ୨୨ ତାରିଖ, ରାଉରକେଲାରେ ଜୁନ ୨୮ ତାରିଖ, ସମ୍ବଲପୁରରେ ଜୁନ ୩୦ ତାରିଖ, କଟକରେ ଜୁଲାଇ ୩ ତାରିଖ ଏବଂ ଭୁବନେଶ୍ୱରଠାରେ ଜୁଲାଇ ୫ ତାରିଖ ଦିନ ଅଡିସନ ଅନୁଷ୍ଠିତ ହେବ। ୧୮ ରୁ ୨୮ ବର୍ଷ ପର୍ଯ୍ୟନ୍ତ ଝିଅମାନେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ବିଭିନ୍ନ ପର୍ଯ୍ୟାୟରେ




ପ୍ରତିଯୋଗିତା ହେବାପରେ ସର୍ବଶ୍ରେଷ୍ଠ ୨୦ ଜଣ ପ୍ରତିଯୋଗିନୀ ଫାଇନାଲ ମଞ୍ଚରେ ପ୍ରବେଶ କରିବେ ଏବଂ ଶ୍ରେଷ୍ଠ ପ୍ରତିଯୋଗିନୀ ବଲିଉଡ ଅଭିନେତ୍ରୀ ମଲାଇକା ଅରୋରାଙ୍କ ହାତରେ ବିଜୟିନୀ ମୁକୁଟ ପିନ୍ଧିବା ସହ ଅନ୍ୟାନ୍ୟ ପର୍ଯ୍ୟାୟରେ ମଧ୍ୟ ଅନ୍ୟମାନଙ୍କୁ ପୁରସ୍କୃତ କରାଯିବ ବୋଲି ସାମ୍ବାଦିକ ସମ୍ମିଳନୀରେ ଆର.ଆର.ଇଭେଂଟ୍ସ ଆଣ୍ଡ ପ୍ରୋମସନର ଫାଉଣ୍ଡର ରମେଶ ବାରିକ ସୂଚନା ଦେଇଛନ୍ତି। ଏଥିରେ ଆର.ଆର.ଇଭେଂଟ୍ସ ଆଣ୍ଡ ପ୍ରୋମସନର ଫାଉଣ୍ଡର ତଥା ଫିଲ୍ମ ପ୍ରଯୋଜକ ରମେଶ ବାରିକ, କ୍ରିଏଟିଭ ହେଡ୍ ଶ୍ୟାମା ପ୍ରସାଦ ମିଶ୍ର, ଅଭିନେତ୍ରୀ ଅର୍ଚ୍ଚିତା ସାହୁ, ଶୀତଲ ପାତ୍ର, ଅଭିନେତା ସୁବାଶିଷ ଶର୍ମା, ସ୍ୱପ୍ନା ପ୍ରିୟଦର୍ଶିନୀ, ସୁପର ମଡେଲ ସାଞ୍ଜି ଅମିତ୍ କୁମାର ଘୋଷ ପ୍ରମୁଖ ଯୋଗ ଦେଇଥିଲେ।

## ବାହାନଗା ଟ୍ରେନ୍ ଦୁର୍ଘଟଣା ସ୍ମୃତିରେ ରକ୍ତଦାନ

ଭୁବନେଶ୍ୱର, ୨।୬(ସମିସ): ବାହାନଗା ଟ୍ରେନ୍ ଦୁର୍ଘଟଣାର ଏକ ବର୍ଷ ପୂର୍ତ୍ତି ଅବସରରେ ରାଜଧାନୀ ଡାକ୍ତରଖାନା ରକ୍ତ କେନ୍ଦ୍ର ପରିସରରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଏହି ଶିବିରକୁ ଜାତୀୟ ଯୁବ ପ୍ରକଳ୍ପ ରାଷ୍ଟ୍ରୀୟ ଟ୍ରଷ୍ଟି ମଧୁସୂଦନ ଦାସ ଉଦ୍‌ଘାଟନ କରିଥିଲେ। ବର୍ତ୍ତମାନ ରକ୍ତ ଭଣ୍ଡାରରେ ରକ୍ତର ଆବଶ୍ୟକତାକୁ ପୂରଣ କରିବା ପାଇଁ ଯୁବକ ଯୁବତୀ ଆଗେଇ ଆସିବା ପାଇଁ ବାର୍ତ୍ତା ରଖିଥିଲେ। ବନ୍ଦେ ମାତରଂ ତରଫରୁ ପ୍ରହଲ୍ଲାଦ ନାୟକ, ମିଶନ ରକ୍ତଦାନର ଗୁନୁ ଆଚାର୍ଯ୍ୟ, ବିଭୂତି ଭୂଷଣ ସାହୁ, ଚନ୍ଦ୍ରକାନ୍ତ ଭୋଇ ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ।




ଅନ୍ୟମାନଙ୍କ ମଧ୍ୟରେ ପୂଜା ଡାକୁଆ, ଅରୂପା ଗୌଡ଼, ଲକ୍ଷ୍ମୀପ୍ରିୟା ମହାନ୍ତି, ମନସ୍ତୃପ୍ତି ମହାପାତ୍ର, ସ୍ମୃତି କିରଣ ପଣ୍ଡା ଏବଂ ହର ପ୍ରସାଦ ମହାପାତ୍ର ପ୍ରମୁଖ ଶିବିର ପରିଚାଳନା କରିଥିଲେ। ଶିବିରରୁ ୨୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା।

## ରାସ୍ତାକଡ଼ରେ ଜମିଲାଣି ରଜ ଦୋଳି ବେପାର

**ରଙ୍ଗବେରଙ୍ଗର ଦୋଳି ପାଇଁ ଗ୍ରାହକଙ୍କ ଭିଡ଼**

ଭୁବନେଶ୍ୱର, ୨।୬(ସମିସ):

ଆଗକୁ ଆସୁଛି ରଜ। ସାବିତ୍ରୀ ପରେ ପରେ ସବୁଠି ରଜ ମାହୋଲ ଦେଖିବାକୁ ମିଳିବ। ଘରେ ଘରେ ଦୋଳିର ଆସର ଜମିବ। ସେଥିପାଇଁ ଏବେଠୁ ବିକ୍ରି ହେଲାଣି ରଜ ଦୋଳି। ପରମ୍ପରା ଅନୁଯାୟୀ ଝିଅମାନେ ପାନ ଖିଆ ସାଙ୍ଗକୁ ଦୋଳି ଖେଳରେ ଆନନ୍ଦ ପାଇଥାନ୍ତି। ସେଥିପାଇଁ ଭଳି କି ଭଳି ଦୋଳି ରାସ୍ତା ପାର୍ଶ୍ୱରେ ବିକ୍ରି ହେଉଥିବାର ଦେଖିବାକୁ ମିଳୁଛି। ଓଡ଼ିଆ ଘରର ଏହି ମହାନ ପର୍ବକୁ ଏଥର ଧୁମ୍‌ଧାମ୍‌ରେ ପାଳନ କରିବାକୁ ପ୍ରସ୍ତୁତ ହେଉଛି ରାଜଧାନୀ। ଖରାଛୁଟିକୁ ରଜ ପାଗ ସମସ୍ତଙ୍କ ମନରେ ଉତ୍ସାହ ଭରି ଦେଇଥିବାବେଳେ ଗାଁଠୁ ସହର ଯାଏ ସବୁଠି ଉତ୍ସବର ପରିବେଶ। ଫଳ ଦୋକାନ, ଡ୍ରେସ ଦୋକାନ, କସମେଟିକ୍ସ, ପାର୍ଲର ଆଦିରେ ଭିଡ଼ ଦେଖିବାକୁ ମିଳୁଛି। ସେଥିପାଇଁ ବିଭିନ୍ନ ସ୍ଥାନରେ ଏବେଠୁ ରଜ ଦୋଳି ବିକ୍ରି ହେଉଛି। ଯାହାର ମୂଲ୍ୟ ୧୨୦ ଓ ୧୫୦, ୨୦୦ ରହିଛି। ରଙ୍ଗ ବେରଙ୍ଗର ତଥା ପ୍ଲାଷ୍ଟିକ ଦୌଡିର ଏହି ଦୋଳିକୁ ନେବା ପାଇଁ ଲୋକ ମଧ୍ୟ ରାସ୍ତାରେ ଗଲାବେଳେ ଘଡ଼ିଏ ଅଟକି ଯାଉଛନ୍ତି। ଫାୟାର ଷ୍ଟେସନ, ସିଆର୍‌ପିଏଫ୍, ଖଣ୍ଡଗିରି ଏବଂ ଏକ ନମ୍ବର

**ଅଧିକାଂଶ ବେପାରୀ ଅଣଓଡ଼ିଆ**



ମାର୍କେଟରେ ଏହି ଦୋଳି ସବୁ ବିକ୍ରି ହେଉଥିବା ଦେଖିବାକୁ ମିଳୁଛି। ଏହି ରଜ ପରମ୍ପରା ବିଷୟରେ ଜାଣି ନଥିବା ବେପାରୀ ବିହାର ଏବଂ ରାଜସ୍ଥାନ ଭଳି ରାଜ୍ୟରୁ ଆସି ଓଡ଼ିଶାର ବିଭିନ୍ନ ସ୍ଥାନରେ ବେପାର କରୁଥିବା ଦେଖିବାକୁ ମିଳୁଛି। ଏ ନେଇ ରାଜସ୍ଥାନରୁ ଆସିଥିବା ବେପାରୀ ମହେଶ କୁହନ୍ତି ରଜ ସମୟରେ ଭଲ ଦୋଳି ବେପାର ହେଉଥିବାରୁ ଏହି ସମୟରେ ସେ ଭଲବେପାର ଆଶା ନେଇ ଓଡ଼ିଶା ଆସିଥାନ୍ତି। ରଜ ପରମ୍ପରା ବିଷୟରେ ତାଙ୍କୁ କିଛି ସେପରି ଜଣାନାହିଁ, ହେଲେ ଦୋଳି ଏହି ସମୟରେ ଭଲ ବିକ୍ରି ହୁଏ ବୋଲି ସେ ପ୍ରତିବର୍ଷ ରାଜଧାନୀକୁ ଆସିଥାନ୍ତି ବୋଲି ସେ କହିଥିଲେ।

## ଆଜି ବିଶ୍ୱ ସାଇକଲ ଦିବସ

## ଟ୍ରାକ୍ ଅଛି; ଗଡୁନି ସାଇକଲ

ଭୁବନେଶ୍ୱର, ୨।୬(ସମିସ): ରାସ୍ତାରେ ଏବେ ଗଡୁଛି ମାଳମାଳ ଗାଡ଼ିମୋଟର। ଏହା ତୁଳନାରେ ସାଇକଲ ଚାଳନା ହ୍ରାସ ପାଇବାରେ ଲାଗିଛି। ବହୁ ବର୍ଷ ପୂର୍ବ ଭୁବନେଶ୍ୱରର ଜୟଦେବ ବିହାରରୁ ପଟିଆ ପର୍ଯ୍ୟନ୍ତ ଦେଶର ପ୍ରଥମ ସାଇକଲ ଟ୍ରାକ୍ ନିର୍ମାଣ କରାଯାଇଥିଲା। ଏହାପରେ ହକି ବିଶ୍ୱକପ୍ ସମୟରେ ବହୁ ଅର୍ଥ ବ୍ୟୟ କରାଯାଇ ରାଜଧାନୀରେ ସାଇକଲ ଟ୍ରାକ୍ ନିର୍ମାଣ କରାଗଲା। ପ୍ରଦୂଷଣମୁକ୍ତ ପରିବେଶ ପାଇଁ ସାଇକଲ ଚାଳନା ଉପରେ ଗୁରୁତ୍ୱ ଦେଇ ଏଭଳି ପଦକ୍ଷେପ ନିଆଯାଇଥିଲା। ରାସ୍ତାରେ ନାଲି ରଙ୍ଗ ବୋଲି ଟ୍ରାକ୍ ପ୍ରସ୍ତୁତ କରାଗଲା। ଏହି ଟ୍ରାକ୍‌ରେ ଅନ୍ୟ କୌଣସି ଗାଡ଼ି ଚାଲି ପାରିବ ନାହିଁ ବୋଲି ସାଇନ୍ ବୋର୍ଡ ମରାଗଲା। ଏହାଜାଣି ସାଇକଲ ଚାଳକମାନେ ଖୁସି ହୋଇଗଲେ। ହେଲେ ଏବେ ପରିସ୍ଥିତି ଏଭଳି ହୋଇଛି ଯେ ଏଠାରେ ସାଇକଲ ଚାଲି ପାରୁନାହିଁ। ରାତାରାତି ଏହାକୁ ଖୋଳି ଦିଆଯାଉଛି। ଟ୍ରାକ୍ ଖରାପ ହୋଇଯିବାରୁ ସାଇକଲ ଚାଳକ ଖଣ୍ଡିଆ ଖାବରା ହେଉଛନ୍ତି। ଅଧିକାଂଶ ଟ୍ରାକ୍ ଡ୍ରେନ୍ ଉପରେ ହୋଇଥିବାରୁ ସାଇକଲ ଟ୍ରାକ୍ ଜବର ଦଖଲକାରୀଙ୍କ କବ୍‌ଜାକୁ ଚାଲିଯାଇଛି। କିଏ ଏଠାରେ କାର ପାର୍କିଂ କରୁଛି। ଆଉ କିଏ ଠେଲାଗାଡ଼ି ଲଗାଇ ଖାଦ୍ୟବିକ୍ରି କରୁଛି। ଆବଶ୍ୟକୀୟ ଭିତ୍ତିଭୂମି ଥିଲେ ମଧ୍ୟ ସାଇକଲ ଚାଳକ ହଇରାଣ ହେଉଛନ୍ତି।

ଅନ୍ୟପକ୍ଷରେ ରାଜରାସ୍ତାରେ ସାଇକଲ ଚାଳନା ସବୁଠାରୁ ବିପଜ୍ଜନକ ହୋଇପଡ଼ିଛି। ସାଇକଲ ଚାଳକମାନଙ୍କୁ ଗାଡ଼ି ଚାଳକ, କାର୍, ବସ୍ ଚାଳକମାନେ ହୀନ ଦୃଷ୍ଟିରେ ଦେଖୁଛନ୍ତି ବୋଲି କେତେକ ସାଇକଲ ଚାଳକ କହିଛନ୍ତି। ଏପରିକି ଦୁର୍ଘଟଣା ଘଟାଇ ଗାଡ଼ି ଚାଳକ ଚାଲିଯାଉଛନ୍ତି।



କୋଭିଡ୍ ମହାମାରୀ ସମୟରେ ବହୁ ସଂଖ୍ୟାରେ ସାଇକଲ ରାଜରାସ୍ତାରେ ଦେଖାଯାଉଥିଲା ବେଳେ ଏବେ କ'ଣ ପାଇଁ ଦେଖାଯାଉ ନାହିଁ ବୋଲି ଅର୍ବାନ ପ୍ଲାନର୍ ଡ. ପୀୟୂଷ ରାଉତ ସାଇକଲ ଚାଳକଙ୍କ ଠାରୁ ମତାମତ ସଂଗ୍ରହ କରି ଜାଣିଥିଲେ ରାଜରାସ୍ତାରେ ସାଇକଲ ଚାଳନା ସୁରକ୍ଷିତ ନୁହେଁ। ବାରମ୍ବାର ଏଠାରେ ଦୁର୍ଘଟଣା ଘଟୁଛି। ଗାଡ଼ି ଚାଳକମାନେ ଜାଣି ଜାଣି ହଇରାଣ କରୁଥିବା ଅଭିଯୋଗ ହେଉଛି। ଏପରିକି ଏ ସମ୍ପର୍କରେ ପୁଲିସ ପାଖକୁ ଗଲେ ପୁଲିସ ଏଭଳି ମାମଲାକୁ ଗୁରୁତ୍ୱ ଦେଉନାହିଁ। ତେଣୁ ରାଜଧାନୀରେ ସାଇକଲ ଚଳାଇବାକୁ ଇଚ୍ଛା ରଖୁଥିବା ଅଧିକାଂଶ ଲୋକ ବାଧ ହୋଇ ସାଇକଲ ଛାଡ଼ି ଦେଇଛନ୍ତି ବୋଲି ଅଧିକାଂଶ ସାଇକଲ ଚାଳକ ମତ ଦେଇଥିଲେ।

ଅନ୍ୟପକ୍ଷରେ ସାଇକଲ ଟ୍ରାକ୍‌ର ରକ୍ଷଣାବେକ୍ଷଣକୁ ନେଇ ପ୍ରଶାସନିକ ବିମୁଖତା ଅର୍ବାନ ପ୍ଲାନରଙ୍କୁ ବ୍ୟଥିତ କରୁଛି। ୟୁନିଟ୍-୮ରୁ ସିଆର୍‌ପି, ନିକୋ ପାର୍କରୁ ଆଚାର୍ଯ୍ୟ ବିହାର ପ୍ରଭୃତି ସ୍ଥାନଗୁଡ଼ିକରେ ଟ୍ରାକ୍‌ର ରଙ୍ଗ ଫିକା ପଡ଼ିଗଲାଣି। କିଛି ସ୍ଥାନରେ ନାଲି ରଙ୍ଗ ଲିଭିଯାଇ ଧଳା ହୋଇଗଲାଣି। ହେଲେ ଏଥିପ୍ରତି ପ୍ରଶାସନିକ ସ୍ତରରେ ସେତେଟା ଆଗ୍ରହ ନାହିଁ। ସ୍ମାର୍ଟ ସିଟିର ଅଧିକାରୀମାନେ ଏସମ୍ପର୍କରେ ଆଉ ମୁହିଁ ଖୋଲୁ ନାହାନ୍ତି। ସେହିପରି କିଛି ସ୍ଥାନରେ ସାଇକେଲ ଟ୍ରାକ୍ ସାଇକେଲ ଚଳାଇବା ପାଇଁ ଅନୁପଯୁକ୍ତ ହୋଇପଡ଼ିଲାଣି।

### ମୋ' ସାଇକଲ ଆଉ ଚାଲୁନି

ପାଞ୍ଚବର୍ଷ ତଳେ ହକି ବିଶ୍ୱକପ୍ ସମୟରେ କିଣା ହୋଇଥିବା ମୋ ସାଇକେଲ ଏବେ ନଷ୍ଟ ହେବା ସହିତ ଚୋରମାନେ ଏହାକୁ ନେବାରେ ଲାଗିଛନ୍ତି। ୨୦୧୮ ହକି ବିଶ୍ୱକପ୍ ସମୟରେ ସରକାର ଦୁଇ ହଜାର ସାଇକେଲ ଖରିଦ କରିଥିଲେ। ଗୋଟିଏ ସାଇକେଲର ମୂଲ୍ୟ ଥିଲା ୨୫, ୦୦୦ ଟଙ୍କା। ବିଶ୍ୱକପ୍ ସମୟରେ ଏହାର ବେଶ୍ ଚାହିଦା ଥିଲା। ଲୋକେ ଅର୍ଥ ପଇଠ କରି କଳିଙ୍ଗ ଷ୍ଟାଡିୟମ ପର୍ଯ୍ୟନ୍ତ ସାଇକେଲରେ ଯିବା ସହିତ ସହରର ବିଭିନ୍ନ ସ୍ଥାନରେ ଥିବା ଷ୍ଟାଣ୍ଡରେ ତାହାକୁ ରଖୁଥିଲେ। ହେଲେ ପାଞ୍ଚବର୍ଷ ପରେ ଆଉ ସେହି ସାଇକେଲକୁ କେହି ଛୁଇଁବାକୁ ରାଜି ନୁହନ୍ତି। ସଚେତନତାର ଅଭାବ ଏବଂ ବ୍ୟବସ୍ଥାଗତ ତ୍ରୁଟି ଯୋଗୁଁ ଏହି ସାଇକଲ ସବୁ ସହରରେ ଆଉ ଦେଖାଯାଉ ନାହିଁ।

